## ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ଯୋଡ଼ା, (ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡ଼ା ଥାନା ମହାବୀର ଛକ ନିକଟରେ ରବିବାର ସନ୍ଧ୍ୟାରେ ସ୍ୱାମୀଙ୍କ ଫୁଙ୍କ ନଳୀ ମାଡ଼ରେ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ପୋଲିସ ରବିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସ୍ୱାମୀ କମଲେଶ ଯାଦବ ତାଙ୍କ ସ୍ତ୍ରୀ ଶାନ୍ତି ରୁଣ୍ଡାଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ କମଲେଶ ରାଗିଯାଇ ଏକ ଚୁଲି ଫୁଙ୍କନଳୀରେ ଆକ୍ରମଣ କରିଥିଲେ। ଫଳରେ ଶାନ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ଯୋଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ହତ୍ୟା ମାମଲା (ନଂ.୧୩୯/୨୦) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି।



## ସଂକ୍ଷେପରେ

### ବିଷ ପିଇ ଜୀବନ ହାରିଲେ ସ୍ୱାମୀ

ପାଟଣା,୨୮।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ କୁଣ୍ଡୁଳା ପଞ୍ଚାୟତ ଫୁଲପାହାଡ଼ି ଗ୍ରାମ ଜାରା ସାହିରେ ପାରିବାରିକ କଳହକୁ ନେଇ ଶୁକଦେବ ମାଝୀ ନାମକ ଜଣେ ବ୍ୟକ୍ତି କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟାରେ ଉଭୟ ଦମ୍ପତିଙ୍କ ମଧ୍ୟରେ କଳହ ଉଗ୍ରରୂପ ନେଇଥିଲା। ଶେଷରେ ଶୁକଦେବ ରାଗିଯାଇ ବିଷ ପିଇ ଦେଇଥିଲେ। ତାଙ୍କ ସ୍ତ୍ରୀ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳୁ ଶୁକଦେବଙ୍କର ମୃତ୍ୟୁ ଘଟିଛି। ଖବର ପାଇ ପାଟଣା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୩୯/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପୋଖରୀରେ ବୁଡ଼ି ଯୁବକ ମୃତ

ବଡବିଲ,୨୮।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳ ମହାନ୍ତ ବସ୍ତିସ୍ଥିତ ପୋଖରୀରେ ବୁଡି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ ମହାନ୍ତ ବସ୍ତି ତଳସାହିର ସନ୍ଦୀପ ମୁଣ୍ଡା। ପୋଲିସ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୦ ଟା ବେଳେ ସନ୍ଦୀପ ଗାଧୋଇବାକୁ ପୋଖରୀକୁ ଯାଇଥିଲେ। ପାଇ ଗଭୀର ଥିବାରୁ ସେ ଆଉ ଫେରି ପାରିନଥିଲେ। ଫଳରେ ବୁଡିଯାଇଥିଲେ। ଖବରପାଇ ପରିବାର ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜାଖୋଜି କରି ସନ୍ଦୀପଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

### ଟ୍ରକ୍ ଧକ୍କାରେ ଦମ୍ପତି ମୃତ

ରାଇରଙ୍ଗପୁର,୨୮।୯(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ରାଇରଙ୍ଗପୁର-ବାରିପଦା ରାସ୍ତାର ସାନାଛକଠାରେ ସୋମବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବିଶୋଇ ଥାନା ଅଶନଶିଖର ଗ୍ରାମର ଅଙ୍ଗନୱାଡି କର୍ମୀ ସାବିତ୍ରୀ ମୁଣ୍ଡା ଓ ତାଙ୍କ ସ୍ୱାମୀ ସୁକୁରା ମୁଣ୍ଡା। ଗୁରୁତର ଆହତ ଅନ୍ୟ ଜଣେ ଅଙ୍ଗନୱାଡି କର୍ମୀ ଘୋଳାବିନ୍ଧା ଗ୍ରାମର ନିରୁପମା ହେମ୍ବ୍ରମଙ୍କୁ ଚିକିତ୍ସା ଲାଗି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ ମୃତ ଦମ୍ପତି ଓ ଆହତ ଅଙ୍ଗନୱାଡ଼ି କର୍ମୀ ଜଣକ ସାନାଛକଠାରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ଦ୍ରୁତଗତିରେ ଆସୁଥିବା ଗ୍ୟାସ ସିଲିଣ୍ଡର ବୋଝେଇ ଉକ୍ତ ଟ୍ରକ୍‌ଟି ସେମାନଙ୍କୁ ଧକ୍କା ଦେଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ଏକ ମାମଲା(ନଂ.୯୫/୨୦) ରୁଜୁ କରିଛି।

# ଶ୍ରମିକଙ୍କୁ ମିଳୁନି କାମ

କେନ୍ଦୁଝର, ୨୮।୯ (ସ୍ୱ.ପ୍ର.)

କରୋନା ସମୟରେ ଜୀବନଜୀବିକା ସାଙ୍ଗକୁ ଜୀବନ ରକ୍ଷାକୁ ନେଇ ଭିନ୍ନ ପରିସ୍ଥିତି ସୃଷ୍ଟି ହେଉଛି। କାମଧନ୍ଦା ମିଳୁ ନ ଥିବାରୁ ଏହି ସମସ୍ୟା ଅଧିକ ଜଟିଳ ହୋଇ ପଡୁଛି । ଏଭଳି ଏକ ଦୃଶ୍ୟ ସୋମବାର କେନ୍ଦୁଝର ସହରରେ ଶ୍ରମିକ ବଜାରରେ ଦେଖିବାକୁ ମିଳିଛି। ଡେଲି ମାର୍କେଟ ରାସ୍ତା କଡ଼ରେ ପ୍ରତ୍ୟେକ ସୋମବାର କାମ ପାଇଁ ଏହି ବଜାର ବସିଥାଏ। ଜିଲା ମୁଖ୍ୟାଳୟ ଓ ଆଖପାଖ ଅଞ୍ଚଳର କୁଶଳୀ, ଅର୍ଦ୍ଧକୁଶଳୀ ତଥା ଦିନ ମଜୁରିଆମାନେ ସକାଳୁ କାମ ପାଇଁ ଘଣ୍ଟା ଘଣ୍ଟା ଧରି ଭିଡ଼ ଜମାଇଥାନ୍ତି। ଗ୍ରାମାଞ୍ଚଳରେ କାମ ମିଳୁ ନ ଥିବାରୁ ବହୁ ଶ୍ରମିକ ଆସି ଏଠାରେ କାମ ଅପେକ୍ଷାରେ ରହିଥାନ୍ତି । ତେବେ କେତେକ ଲୋକ ଦିନେ ବା ସପ୍ତାହ ପାଇଁ କାମ ପାଇଥାନ୍ତି। କିନ୍ତୁ ବହୁ ଲୋକ କାମ ନ ପାଇ ନିରାଶ ହୋଇ ଘରକୁ ଫେରନ୍ତି। ତେବେ କରୋନା ସମୟରେ ଭିଡ଼ ନ କରିବାକୁ ବା ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବା ଉପରେ କଡ଼ା କଟକଣା ଥିଲେ ହେଁ ଜୀବନ ଜୀବିକା ପାଖରେ ସେସବୁ ଫିକା ହୋଇ ଯାଉଛି । ସରକାର ସମସ୍ତଙ୍କୁ କାମ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆମକୁ ମିଳୁନାହିଁ। ଯେଉଁ ସବୁ ଘରୋଇ କାମ ମିଳୁଛି ସେଠାରେ ମୁଲଚାଲ କରି କମ୍ ପଇସାରେ ବା ଅଧିକ ସମୟ କାମ କରିବା ଚୁକ୍ତିରେ କରିବାକୁ ବାଧ୍ୟ ହେଉଛୁ ବୋଲି ଶ୍ରମିକ ସନାତନ ସାହୁ କହିଛନ୍ତି । ଗରିବ ଲୋକେ କାମ କଲେ ଘର ଓ ପରିବାର ଚଳାଇବେ। କରୋନା କଟକଣା ଯୋଗୁ କାମଧନ୍ଦା ମିଳୁନାହିଁ। ଏଣୁ ସରକାରଙ୍କ ଦ୍ୱାରା ମିଳୁଥିବା ସହାୟତା ଉପରେ ଅନେକ କଷ୍ଟରେ ଚଳନ୍ତି। ବର୍ତ୍ତମାନ ସମୟରେ ଆଳୁ, ପିଆଜ ଭଳି ଖାଦ୍ୟ ସାମଗ୍ରୀ ଓ ପନିପରିବାର ଅତ୍ୟଧିକ ମୂଲ୍ୟ ବୃଦ୍ଧି ସେମାନଙ୍କ କଷ୍ଟକୁ ଦ୍ୱିଗୁଣିତ କରୁଛି। ସରକାର ଶ୍ରମିକଙ୍କ ସୁରକ୍ଷା କଥା କହୁଛନ୍ତି । ସେମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ବୃଦ୍ଧି କରି ସେମାନଙ୍କ ଆର୍ଥିକ ଅବସ୍ଥା ସୁଧୁରିବା ନେଇ ଆଶା ଦେଖାଉଛନ୍ତି । କିନ୍ତୁ ଏହି ନିର୍ଦ୍ଧାରିତ ମଜୁରି ମିଳୁଛି କି ନାହିଁ ଯାଞ୍ଚ ହେଉନାହିଁ। ଅଭିଯୋଗ କଲେ କାମ ମିଳିବ ନାହିଁ ଏହି ଭୟରେ କମ୍ ମଜୁରୀରେ କାମ କରିବାକୁ ଶ୍ରମିକମାନେ ବାଧ୍ୟ ହେଉଛନ୍ତି । ମଜୁରୀ ବୃଦ୍ଧି ଅନେକ ଶ୍ରମିକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ବୋଲି ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ଦାସ କହିଛନ୍ତି।



କାମ ଅପେକ୍ଷାରେ ଶ୍ରମିକମାନେ।

### ରାସ୍ତାକଡ଼ରେ ଘଣ୍ଟା ଘଣ୍ଟା ଅପେକ୍ଷା

# ଶହୀଦଙ୍କ ପାଇଁ ଦେଶ ଗର୍ବିତ


ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ବାସୁଦେବପୁର, ୨୮।୯(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁରର ରକ୍ତତୀର୍ଥ ଇରମଠାରେ ସୋମବାର ୭୮ ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଯୋଗଦେଇ ପତାକା ଉତ୍ତୋଳନ କରି ୧୯୪୨ ସେପ୍ଟେମ୍ବର ୨୮ ତାରିଖରେ ଶହୀଦ ହୋଇଥିବା ୨୯ ଜଣ ସଂଗ୍ରାମୀଙ୍କ ପାଇଁ ଦେଶ ଆଜି ଗର୍ବିତ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମ ଆୟୋଜକ ଆଞ୍ଚଳିକ ପର୍ଯ୍ୟଟନ ଉନ୍ନୟନ ପରିଷଦ ସଭାପତି ତଥା ବିଡିଓ ପ୍ରଣବ କୁମାର ବେହେରା, ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଐତିହାସିକ ପୀଠର ଉନ୍ନତିକରଣ ପାଇଁ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ୨୫ ଲକ୍ଷ ଟଙ୍କା ଖୁବ୍‌ଶୀଘ୍ର ଯୋଗାଇଦେବ ବୋଲି ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଫୋନ୍ ଯୋଗେ ସ୍ଥାନୀୟ ସରପଞ୍ଚଙ୍କୁ ସୂଚନା ଦେବା ପରେ ସରପଞ୍ଚ ବିଶ୍ୱାଳ ଉକ୍ତ ଘୋଷଣାକୁ ସର୍ବସାଧାରଣରେ ପ୍ରକାଶ କରିଥିଲେ। ପୂର୍ବାହ୍ନରେ ଶହୀଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଇରମରେ ପହଞ୍ଚି ଶହୀଦ ପୀଠ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ପୂର୍ବାହ୍ନରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟରେ ସମାଧିପୀଠରେ ଗାର୍ଡ଼ ଅଫ୍ ଅନର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମୟରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତିହିଡ଼ି ବ୍ଲକ ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ, ବିଡିଓ ପ୍ରଣବ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଶହୀଦ ତୀର୍ଥ ଯାତ୍ରୀ ସଂଘ ସଭାପତି ତ୍ରୈଲୋଚନ ଜେନା, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ସରପଞ୍ଚ ଦୀନବନ୍ଧୁ ଦାସ, ଯଦୁନାଥ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ନିର୍ମଳ ଚନ୍ଦ୍ର ବେହେରା, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ଭାଜପା ଯୁବ ମୋର୍ଚ୍ଚା ସଭାପତି ଉଦୟ ନାରାୟଣ ମଲିକ, ସାମାଜିକ କର୍ମୀ ମାନସ ସାହୁ, ଦେବଦର୍ଶନ ଦାଶଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନେ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିପରି ସାହିତ୍ୟ ଅନୁଷ୍ଠାନ ଅବସର, ରଙ୍ଗରାଗର କର୍ମକର୍ତ୍ତା ମାନେ ଶହୀଦ ସମାଧି ପୀଠରେ ମାଲ୍ୟାର୍ପଣ କରିଥିଲେ।

### ଇରମରେ ୭୮ ତମ ଶହୀଦ ସ୍ମୃତି ଦିବସ ପାଳିତ

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ



ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବାରିପଦା ଅଫିସ,୨୮।୯

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ରଘୁନାଥପୁର ମଇଳା ଖାଦାନରେ ଶବ ସଂସ୍କାରକୁ ନେଇ ଲାଗି ରହିଥିବା ବିବାଦ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସୋମବାର ଶତାଧିକ ମହିଳା ଠେଙ୍ଗାବାଡ଼ି ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୋଲିସ ଫୋର୍ସ ମୃତୟନ କରାଯାଇଥିବା ବେଳେ ଜିଲାପାଳଙ୍କଠାରୁ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। କରୋନା ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ରୋଗୀମାନଙ୍କର ଶବ ସଂସ୍କାରକୁ ନେଇ ଲକ୍ଷ୍ମୀପୋଷି, ଶାଗୁଣାବସା, ଇନ୍ଦୁପାଇ ଓ ରଘୁନାଥପୁର ୨୨ନଂ. ୱାର୍ଡର ଜନସାଧାରଣ ଏହାକୁ ବିରୋଧ କରିଆସୁଛନ୍ତି। ପ୍ରଶାସନ ପକ୍ଷରୁ ଶବ ସଂସ୍କାର ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ରୋଗ ସଂକ୍ରମଣ ବୃଦ୍ଧି ଆଶଙ୍କା କରି ଅଞ୍ଚଳବାସୀ ଦୁଇଥର ରାସ୍ତା ଅବରୋଧ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାତ୍ର ସମାଧାନର କୌଣସି ସୂତ୍ର ନ ବାହାରିବାରୁ ପୁଣି ଶତାଧିକ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ଏକ ପ୍ରତିନିଧି ଦଳ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ସହ ଆଲୋଚନା କରିଥିଲେ। ତେବେ ସେହି ସ୍ଥାନରେ ଏକ ଚିମିନି ନିର୍ମାଣ କରି ଶବଦାହ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଚିମିନି ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଶବଦାହ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

### କରୋନା ଆକ୍ରାନ୍ତଙ୍କ ମୃତଦେହ ସଂସ୍କାରକୁ ନେଇ ବିବାଦ

# ଭିଜିଲାନ୍ସ ଜାଲରେ ହୋମ୍‌ଗାର୍ଡ଼

**ବସ୍ତା, ୨୮।୯(ଡି.ଏନ.ଏ.):** ପାସପୋର୍ଟ ପାଇଁ ଥାନାକୁ ଆସିଥିବା ଜଣେ ଛାତ୍ରଙ୍କଠାରୁ ପୋଲିସ ଭେରିଫିକେଶନ କରାଇ ଦେବାକୁ କହି ୬ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ବସ୍ତା ଥାନା ହୋମ୍‌ଗାର୍ଡ଼ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ଏହି ଥାନା ଅଧୀନ ଥେଙ୍ଗୁଡ଼ିଆ ଗ୍ରାମର ସୁନୀଲ କୁମାର ପ୍ରଧାନ ପାସପୋର୍ଟ ପାଇଁ ଆବେଦନ କରିଥିଲେ। ଏହା ପରେ ତାଙ୍କର ପୋଲିସ ଭେରିଫିକେଶନ ପାଇଁ ବସ୍ତା ଥାନାକୁ ଆସିଥିଲା। ଭେରିଫିକେଶନ କରାଇଦେବାକୁ କହି ହୋମ୍‌ଗାର୍ଡ଼ ଚନ୍ଦ୍ରଶେଖର ନାୟକ ଆବେଦନକାରୀ ସୁନୀଲଙ୍କୁ ୬ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସୁନୀଲ ଭିଜିଲାନ୍ସଠାରେ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ପକ୍ଷରୁ କେମିକାଲ ବୋଳା ଟଙ୍କା ଦିଆଯାଇଥିଲା। ସୋମବାର ସୁନୀଲ ସେହି ଟଙ୍କାକୁ ହୋମ୍‌ଗାର୍ଡ଼ ଚନ୍ଦ୍ରଶେଖରଙ୍କୁ ଦେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୨୬/୨୦)ରୁଜୁ ହୋଇଛି।

**OFFICE OF THE SORO MUNICIPALITY, SORO, BALASORE**
Tel & Fax No. 06788-221262
No. 2177 Date: 28.09.2020
**e-Procurement Notice**
TENDER REFERENCE No. SOROM_03_2020_21
The Executive Officer, Soro Municipality invites percentage rate tenders through e-procurment for Civil Works (Available in website). The Bid should be submitted online in the Government website **www.tendersodisha.gov.in** by eligible class of contractors for construction of civil works. The bidder should have necessary portal enrollment (with his own Digital Signature Certificate).
1. No. of Works : 07 Nos, 2. The bid documents will be available in the website **www.tendersodisha.gov.in** from **29.09.2020 at 02.00 P.M. to 12.10.2020 upto 02.00 P.M.** for online bidding. 3. Bids shall be received only "online" on or before **05.00 P.M. of 12.10.2020**. Details can be seen from the e-Procurement **www.tendersodisha.gov.in**. 4. Original bid submission at Soro Municipality office on **13.10.2020 upto 2.00 P.M.** 5. Tender opening on **13.10.2020 at 03.00 P.M.** at Soro Municipality Office.
**Sd./- Executive Officer, Soro Municipality**

# ୪ ଦଫା ଦାବି ପୂରଣ ନେଇ ରେଳରୋକୋ

ଭଦ୍ରକ ଅଫିସ , ୨୮।୯

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଯଶିପୁର, ଜଳେଶ୍ୱରପୁର ଏବଂ ନୂଆଗାଁ ପଞ୍ଚାୟତ ଜନସାଧାରଣଙ୍କ ପକ୍ଷରୁ ୪ଦଫା ଦାବି ନେଇ ସୋମବାର ଧାମରା – ଭଦ୍ରକ ରେଳରୋକୋ କରାଯାଇଥିଲା। ଧାମରା ବନ୍ଦର କମ୍ପାନୀ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନ କରୁ ନ ଥିବା ଦର୍ଶାଇ ଯଶିପୁର ପଞ୍ଚାୟତ ବଳସାହି ଫାଟକ ନିକଟରେ ଏହି ରେଳରୋକୋ କରାଯାଇଥିଲା। ବନ୍ଦର କର୍ତ୍ତୃପକ୍ଷ ପହଞ୍ଚି ଆସନ୍ତା ଡିସେମ୍ବର ସୁଦ୍ଧା ଦାବି ପୂରଣ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଧାମରା ବନ୍ଦର କମ୍ପାନୀ ନିର୍ମାଣ ହେବାର ୧୪ ବର୍ଷ ବିତିଥିଲେ ମଧ୍ୟ ଉପରୋକ୍ତ ୩ଟି ପଞ୍ଚାୟତରୁ ଜଣେ ମଧ୍ୟ ଶିକ୍ଷିତ ଯୁବକ କିମ୍ବା ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଇନାହିଁ, ଅଙ୍ଗନୱାଡ଼ି ସ୍କୁଲକୁ ରାସ୍ତା, ପାଇଖାନା, ପାନୀୟଜଳ ଓ ଅନ୍ୟାନ୍ୟ କାର୍ଯ୍ୟ ଯୋଗାଇ ଦେବା ସଙ୍ଗେ ସଙ୍ଗେ ପ୍ରତି ସପ୍ତାହରେ ଥରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ମାଗଣାରେ ଔଷଧ ବିତରଣ କରିବା ବ୍ୟବସ୍ଥା, ଧାମରା ବନ୍ଦର କମ୍ପାନୀ ଜମି ଅଧିଗ୍ରହଣ ନ କରି ଶାଗ, ମାଛ ଦରରେ ଜମି ଅଧିଗ୍ରହଣ କରିଥିବାରୁ କ୍ଷତିଗ୍ରସ୍ତ ଜମି ଓ ବାସଗୃହ ହରାଇଥିବା ବ୍ୟକ୍ତିଙ୍କୁ ଅଧିକ ମୂଲ୍ୟ ଦେବା, ରେଳରାସ୍ତା ଯିବା ପରେ ଚାଷଜମିରୁ ପାଣି ନିଷ୍କାସନ କିମ୍ବା ଜଳସେଚନ ବ୍ୟବସ୍ଥା ହୋଇପାରୁନାହିଁ। ଏଣୁ ଏହି ଦାବି ପୂରଣ କରିବା ପାଇଁ ଯୁବକମାନେ ରେଳରୋକୋ କରିଥିଲେ। ଯୁବନେତା ରାକେଶ ଚନ୍ଦ୍ର ପଣ୍ଡା, ମଳୟ ରଞ୍ଜନ ପଣ୍ଡା, ଅମର କୁମାର ପଣ୍ଡା, ବଳରାମ ମହାନ୍ତି, ସୁବାଷ ତ୍ରିପାଠୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।


ଯଶିପୁର ଠାରେ ରେଳରୋକୋ କରାଯାଇଛି।

# ଥାନା ଅଧିକାରୀଙ୍କ ଅଦଳବଦଳ

ବାଲେଶ୍ୱର ଅଫିସ, ୨୮।୯

ବାଲେଶ୍ୱର ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର କେତେଜଣ ପୋଲିସ ଅଧିକାରୀଙ୍କୁ ପଦୋନ୍ନତି ମଞ୍ଜୁର କରିଛନ୍ତି। ଅଫିସ୍ ଅର୍ଡ଼ର (ନଂ. ୧୦/୧୫୮୩, ତା ୨୭।୯।୨୦୨୦) ଅନୁଯାୟୀ ସେମାନଙ୍କୁ ନିର୍ଦ୍ଧାରଣ କରାଯାଇଥିବା ଥାନାରେ ତତ୍କାଳ ଯୋଗଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ରୂପ୍‌ସା ଥାନାରେ ଥିବା ଥାନାଧିକାରୀ ବିଶ୍ୱଜ କୁମାର ରାଉତରାୟଙ୍କୁ ଔପଦା ଥାନାରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଔପଦା ଥାନାଧିକାରିଣୀ ସୁଜାତା ଖମାରୀଙ୍କୁ ଭୋଗରାଇ ଥାନା, ଭୋଗରାଇ ଥାନାଧିକାରୀ ନରେନ୍ଦ୍ର କୁମାର ଦାସଙ୍କୁ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏସ୍‌ଆଇ କମଳାକାନ୍ତ ଦାସଙ୍କୁ ରୂପ୍‌ସା ଥାନାର ଓଆଇସି ଏବଂ ଇନ୍ସପେକ୍ଟର ଆଲୋକ କୁମାର ନାୟକଙ୍କୁ ବସ୍ତା ଥାନା ଅଧିକାରୀ ଭାବେ ତୁରନ୍ତ ଯୋଗଦେବା ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ସାପ କାମୁଡ଼ାରେ ନାବାଳକ ମୃତ

**ପଦ୍ମପୁର, ୨୮।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ଗ୍ରାମର ଗଣେଶ ବେହେରାଙ୍କ ପୁଅ ସୌରଭ(୧୧)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସୌରଭ ଘରେ ଶୋଇଥିବା ବେଳେ ରାତିରେ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ନାୟକାଣିଡିହୀ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# 'କବିବର ଥିଲେ ମହାଜାତୀୟତାର ବିନ୍ଧାଣି'

ବାଲେଶ୍ୱର ଅଫିସ, ୨୮।୯

ବାଲେଶ୍ୱର ରାଧାନାଥ ସାହିତ୍ୟ ପରିଷଦ ପକ୍ଷରୁ କବିବର ରାଧାନାଥ ରାୟଙ୍କ ୧୭୩ତମ ଜୟନ୍ତୀ ବଟେଶ୍ୱରସ୍ଥିତ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ସଭାଗୃହରେ ସୋମବାର ନିରାଡ଼ମ୍ବର ଭାବେ ପାଳିତ ହୋଇଛି। କବିବର ରାଧାନାଥଙ୍କ ସମେତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ରାଜା ବୈକୁଣ୍ଠନାଥ ଦେବ, ଆର୍ତ୍ତତ୍ରାଣ ଦ୍ୱିବେଦୀ, ରମାନାଥ ମିଶ୍ର ଓ ମିହିର କୁମାର ପାଣିଗ୍ରହୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

ମୁଖ୍ୟଅତିଥି ଭାବେ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ସଦସ୍ୟ ତଥା କବି କାଳୀପଦ ପଣ୍ଡା ଯୋଗଦେଇ କବିବର ରାଧାନାଥ ରାୟ ଥିଲେ ମହାଜାତୀୟତାର ବିନ୍ଧାଣୀ। 'ମହାଯାତ୍ରା' ମହାକାବ୍ୟ ମାଧ୍ୟମରେ 'ଅମର୍ଷୀ' ଚରିତ୍ର ମୁଖରେ ଅମିତ୍ରାକ୍ଷର ଛନ୍ଦର ଗୁରୁଗମ୍ଭୀର ଧ୍ୱନିରେ ଇଂରେଜମାନଙ୍କୁ 'ଦୁଷ୍ଟଯବ' ଆଖ୍ୟାଦେଇ ଭାରତୀୟମାନଙ୍କୁ ତାଙ୍କ ବିରୋଧରେ ଲଢ଼ିବାକୁ ଆହ୍ୱାନ ଦେଇଥିଲେ । ରଷୋ, ଭୋଲଟାୟାର ଭଳି ଭାରତରେ ସ୍ୱାଧୀନତା ସଂଗ୍ରାମରେ ରାଧାନାଥ ସ୍ୱାଧୀନତାର ମୂଳମନ୍ତ୍ର ଭାରତୀୟମାନଙ୍କ କାନରେ ଫୁଙ୍କିଥିଲେ । ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ କବିବରଙ୍କ କାବ୍ୟକୃତି ସର୍ବଜନ ସ୍ୱୀକୃତ । ପ୍ରାକୃତିକ ଶୋଭାର ସଫଳ ରଚନାକାର କବିବରଙ୍କ 'ଚିଲିକା' କାବ୍ୟ ପାଇଁ ସେ ପିଢ଼ି ପରେ ପିଢ଼ି ଓଡ଼ିଆ ଜାତୀୟ ଜୀବନରେ ସ୍ମରଣୀୟ ହୋଇରହିବେ। ପରିଷଦ ସଭାପତି ସୁବାସିନୀ ଜେନା କଲେଜ ପରିସରରେ ରାଧାନାଥଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଥିବାର ସୂଚନା ଦେଇଥିଲେ। ସମ୍ପାଦକ ଅଧ୍ୟାପକ କମଳାକାନ୍ତ ଦାଶ କବିବରଙ୍କ ବାସସ୍ଥଳ ଉପରେ ୭ବର୍ଷ ହେବ ଗଢ଼ି ଉଠିଥିବା 'ରାଧାନାଥ ସାହିତ୍ୟ ପରିଷଦ' ଗଠନ ଏକ ସମୟୋଚିତ ପଦକ୍ଷେପ ଓ ତାଙ୍କ ପ୍ରତି ଉଚିତ୍ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଏହି ମହନୀୟ ଉଦ୍ୟମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ଓ ଭାରପ୍ରାପ୍ତ ପ୍ରଧାନ ପଣ୍ଡିତ ରମେଶଚନ୍ଦ୍ର ପ୍ରଧାନ ପରିଷଦର ପ୍ରତିଷ୍ଠାତା ସଦସ୍ୟ କବି କାଳିପଦ ପଣ୍ଡାଙ୍କୁ ସାହିତ୍ୟ ଏକାଡେମୀ ସଦସ୍ୟତା ମିଳିଥିବାରୁ ସ୍ୱାଗତ କରିଥିଲେ। ଉପଦେଷ୍ଟା ଡ. ହରିଶ୍ଚନ୍ଦ୍ର ବେହେରା, ଅଧକ୍ଷ ଲାବଣ୍ୟ ମହାନ୍ତି, ନୃସିଂହ ଚରଣ ନାୟକ, ଭାସ୍କର ଚନ୍ଦ୍ର ମିଶ୍ର, ଶରତ କୁମାର ମହାପାତ୍ର, ଦେବବ୍ରତ ପାଣିଗ୍ରାହୀ, ପ୍ରସନ୍ନ କୁମାର ପାଢ଼ୀ, ଉପସଭାପତି ମନସ୍ୱିନୀ ଦେବୀ ପ୍ରମୁଖ ସଦସ୍ୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।



କବିବର ରାଧାନାଥ ରାୟଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

# ତୁଡ଼ିଗଡ଼ିଆ, ବଡ଼ପୋଖରୀରେ ୩ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଖଇରା, ୨୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ତୁଡିଗଡିଆ ଅଞ୍ଚଳରେ ଇଂରେଜ ଗୁଳିରେ ଶହୀଦ ହୋଇଥିବା ରଘୁ ବେହେରା, କେଲୁ ସାହୁ, ମକର ଲେଙ୍କାଙ୍କୁ ସୋମବାର ଖଇରା ବ୍ଲକର ତୁଡିଗଡିଆ ଓ ଔପଦା ବ୍ଲକର ବଡପୋଖରୀଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପର୍ଯ୍ୟଟନ କ୍ଷେତ୍ର ତୁଡିଗଡିଆରେ ଶହୀଦ ସ୍ମାରକ ଜନକଲ୍ୟାଣ ପରିଷଦ ଆନୁକୂଲ୍ୟରେ ନିରାଡମ୍ବରରେ ୭୮ତମ ଶହୀଦ ଶ୍ରାଦ୍ଧୋତ୍ସବ ଓ ସ୍ମୃତିସଭା ପାଳନ କରାଯାଇଛି। ସକାଳେ ଶହୀଦ ରଘୁ, ମକର ଓ କେଲୁଙ୍କ ଆତ୍ମା କଳସ ସ୍ଥାପନ ପରେ ଶହୀଦ ଗ୍ରାମ ଡାଲଙ୍ଗ, ଦନ୍ତୋର, ବଧି ଓ ଖଇରାଡିହିକୁ ପଦଯାତ୍ରା ଏବଂ ଶହୀଦ୍ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ, ଖଇରାଡିହି ଗ୍ରାମରେ ଶହୀଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶହୀଦ ମଣ୍ଡପ ନିକଟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

ପୂର୍ବାହ୍ନରେ ପରିଷଦ ସଭାପତି ଉପେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଗଗନଧୂଳି ପଞ୍ଚାୟତର ସମିତସଭ୍ୟ ମନୋଜ କୁମାର ରାଉତ, ପରିଷଦର ସମ୍ପାଦକ କରୁଣାକର ଜେନା, ସହ ସମ୍ପାଦକ ବସନ୍ତ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କୋଭିଡ ଯୋଦ୍ଧା ଭାବେ ତୁଡିଗଡିଆ ସରକାରୀ ପ୍ରାଥମିକ ଚିକିତ୍ସାଳୟର ଆୟୁଷ ଚିକିତ୍ସାଧିକାରୀ ଡା ତୃପ୍ତିମୟୀ ସେନାପତି, ଫାର୍ମାସିଷ୍ଟ ଦୀପକ କୁମାର ରାଉତ, ମହିଳା ସ୍ୱାସ୍ଥ୍ୟକର୍ମୀ ବିଜୟଲକ୍ଷ୍ମୀ ପଣ୍ଡା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ରତିକାନ୍ତ ମହାନ୍ତ, ଏଏନଏମ୍ ଅନୀତା ମଲ୍ଲିକ, ଖବରଦାତା କିଶୋର କୁମାର ବେହେରା, ଗଗନଧୂଳି ସରପଞ୍ଚ ତିଳୋତମା ମଲ୍ଲିକ, ଆଶାକର୍ମୀ ନିଳୀମା ସାହୁ, ଅନସୂୟା ଜେନା, ସୀତାମଣି ଜେନା, ଶାନ୍ତିଲତା ମଲ୍ଲିକ, ରମାମଣୀ ନାୟକ, ଭାରତୀ ବେହେରା ଓ ସୁଲୋଚନା ଦାସ, ଅଙ୍ଗନୱାଡି କର୍ମୀ ସୁକାନ୍ତିଲତା ରାଉଳ, ମମତାମଣୀ ଦାସ, ସୁକାନ୍ତି ପରମାଣିକ, ସାଇଦା କ୍ୱାଦିର, କଳ୍ପନା ନାୟକ, ବନଲତା ନାଥ, ମଞ୍ଜୁଲତା ରାଉତ, ଅନସୂୟା ମହାକୁଡ, ମଲ୍ଲିକା ଖିଲାର, ସୁମିତ୍ରା ବେହେରା ଓ ତୁଳସୀ ମଲ୍ଲିକ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଔପଦା ବ୍ଲକ ଅଧୀନ ବଡପୋଖରୀଠାରେ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ପୌରୋହିତ୍ୟରେ ତିଳତର୍ପଣ, ପ୍ରଭାତ ଫେରି ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାଛଡା ଲକ୍ଷ୍ମୀକାନ୍ତ ବେହେରା, କମଳାକାନ୍ତ ପାଣିଗ୍ରାହୀ, ରମେଶ ବଳ, ନିରଞ୍ଜନ ପ୍ରସାଦ ବାରିକଙ୍କ ଦ୍ୱାରା ଶହୀଦଙ୍କ ସ୍ତୁତିଚାରଣ କରାଯାଇଥିଲା । ୧୯୪୨ ସେପ୍ଟେମ୍ବର ୨୮ ତାରିଖରେ ବ୍ରିଟିଶ ଫୌଜଙ୍କୁ ବିରୋଧ କରିବା ପରେ ଇଂରେଜ ଗୁଳିରେ ଉପରୋକ୍ତ ୩ଜଣ ବ୍ୟକ୍ତ ଶହୀଦ ହୋଇଥିଲେ।


ତୁଡିଗଡିଆ ସ୍ମୃତିସଭାରେ କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

